"ମିଠେ ବଚ୍ଚେ:- ତୁମମାନଙ୍କୁ ଯୋଗବଳ ଦ୍□ାରା ନିଜର ଶତ୍ରୁ ରାବଣ ଉପରେ ବିଜୟୀ ହେବାକୁ ପଡିବ, ମନୁଷ୍ୟରୁ ଦେବତା ହେବା ପାଇଁ ଦୈବୀଗୁଣ ଧାରଣ କରିବାକୁ ହେବ ।"

ପ୍ରଶ୍ନ:- ସବୁ ସନ୍ତାନ ବାବାଙ୍କର ଶ୍ରୀମତ ଅନୁସାରେ ଏକାପରି ଚାଲୁନାହାଁନ୍ତି - କାହିଁକି?

ଉତ୍ତର:- କାରଣ ବାବା ଯିଏ ଏବଂ ଯେପରି ଅଟନ୍ତି, ତାଙ୍କୁ ସମସ୍ତେ ସମାନ ଭାବରେ ଜାଣି ନାହାଁନ୍ତି । ଯେତେବେଳେ ସମ୍ପୂର୍ଣ୍ଣ ରୂପେ ଜାଣିଯିବେ ତେବେ ଶ୍ରୀମତ ଅନୁସାରେ ଚାଲିବେ । (୨) ମାୟା ରୂପୀ ଶତ୍ରୁ ଶ୍ରୀମତରେ ଚାଲିବାରେ ବାଧା ସୃଷ୍ଟି କରୁଛି, ସେଥିପାଇଁ ପିଲାମାନେ ମଝିରେ-ମଝିରେ ନିଜର ମତ ଚଲାଇ ଦେଉଛନ୍ତି । ପୁଣି କହୁଛନ୍ତି ବାବା ମାୟାର ତୋଫାନ ଆସୁଛି, ସେଥିପାଇଁ ଆପଣଙ୍କର ସ୍ମୃତି ଭୁଲି ହୋଇଯାଉଛି । ବାବା କହୁଛନ୍ତି ପିଲାମାନେ ମାୟାରୂପୀ ରାବଣକୁ ଭୟ କର ନାହିଁ । ତୁମେମାନେ ତୀବ୍ର ପୁରୁଷାର୍ଥ କର ତେବେ ସେ ଥକିଯିବ ।

ଗୀତ:- ନା □ହ ହମସେ ଜୁଦା ହୋଙ୍ଗେ...

ଓମ୍ ଶାନ୍ତି । ତୁମେ ସିଙ୍ଗଲ ଅର୍ଥାତ୍ ଜଣେ ଆତ୍ମା ଅଟ । ସେଥିପାଇଁ ପ୍ରତ୍ୟେକ କହିବେ ଓମ୍ ଶାନ୍ତି । ଏଠାରେ ଦୁଇଜଣ ଅଛନ୍ତି, ତେଣୁ ଏହାଙ୍କୁ ଦୁଇଥର କହିବାକୁ ପଡିବ - ଓମ୍ ଶାନ୍ତି, ଓମ୍ ଶାନ୍ତି । ଏବେ ବାବା ବସି ପିଲାମାନଙ୍କୁ ବୁଝାଉଛନ୍ତି - ତୁମେମାନେ ଏହି ଯୁଦ୍ଧ ଭୂମିରେ ବସିଛ । ସେମାନେ ଯେପରି ପରସ୍ପର ସହିତ ଲଢେଇ କରୁଛନ୍ତି, ସେପରି ନୁହେଁ । ଏମିତି ତ ଘରେ ଘରେ ଲଢେଇ ଝଗଡା କରୁଛନ୍ତି । ଏଠାରେ ବେହଦର ଆତ୍ମାମାନଙ୍କ କଥା କୁହାଯାଉଛି । ପ୍ରଥମ ନମ୍ବରର ଶତ୍ରୁ ହେଉଛି ଦେହ-ଅଭିମାନ, ଦ୍□ତୀୟରେ ହେଲା କାମ ବିକାର । ଏବେ ତୁମେମାନେ ଯୋଗର ବଳ ଦ୍□ାରା ବିକାର ରୂପୀ ରାବଣ ଉପରେ ବିଜୟ ପ୍ରାପ୍ତ କରୁଛ । ଯଦି ତୁମ ପାଖରେ ବାବାଙ୍କର ସ୍ମୃତିର ବଳ ଥିବ, ତେବେ ତୁମର ଅବନତି ହେବ ନାହିଁ । ତୁମର ଏକମାତ୍ର ରାବଣ ସହିତ ହିଁ ଯୁଦ୍ଧ ହେଉଛି । ସେଠାରେ ତ ଅନେକ ପ୍ରକାର କଥାରେ ଲଢେଇ ହେଉଛି । ଏଠାରେ କେବଳ ରାବଣ ସହିତ ଲଢେଇର କଥା । ତୁମର ଯୁଦ୍ଧ ରାବଣ ସହିତ ହିଁ ହେଉଛି । ଏକଥା ତୁମକୁ କିଏ ଶିଖାଉଛନ୍ତି? ପତିତ-ପାବନ ଭଗବାନ । ସିଏ ହେଉଛନ୍ତି ପତିତରୁ ପାବନ କରିଲାବାଲା । ପାବନ ଅର୍ଥାତ୍ ଦେବତା, ତୁମେମାନେ ବିଶ୍□ର ମାଲିକ ହେଉଛ । ଏହି କଥା କେହି ବୁଝୁନାହାଁନ୍ତି ଯେ ରାବଣ ଦ୍□ାରା ସମସ୍ତେ ପତିତ ହୋଇଯାଇଛନ୍ତି । ବାବା ବୁଝାଉଛନ୍ତି ବର୍ତ୍ତମାନ ସମୟରେ ସାରା ଦୁନିଆରେ ରାବଣର ରାଜତ୍ୱ ଚାଲିଛି । ସତ୍ୟଯୁଗ-ତ୍ରେତା ଯୁଗରେ ହିଁ ରାମରାଜତ୍ୱ ଥାଏ । ତାହା ସାରା ଦୁନିଆ ପାଇଁ ରାମ ରାଜତ୍ୱ ବୋଲି କୁହାଯିବ । କିନ୍ତୁ ସେଠାରେ ଏତେ ମନୁଷ୍ୟ ନଥା'ନ୍ତି । ତୁମେମାନେ ଯୋଗବଳ ଦ୍□ାରା ବିଶ୍□ର ରାଜତ୍□ ନେଉଛ । ଏପରି ନୁହେଁ ଯେ ଏଠାରେ ଯେତେବେଳେ ବସିବ, ତେବେ ବାବାଙ୍କୁ ମନେ ପକାଇବାକୁ ହେବ ବା ସ୍□ଦର୍ଶନ ଚକ୍ର ଘୂରାଇବାକୁ ପଡିବ, ନା । ଏହି କଥା ତ ପ୍ରତ୍ୟେକ ସମୟରେ ବୁଦ୍ଧିରେ ରହିବା ଦରକାର । ଆମେ ସ୍□ର୍ଗରେ ଅଧାକଳ୍ପ ରାଜତ୍ୱ କଲୁ, ପୁଣି ରାବଣର ଅଭିଶାପ ମିଳିବାରୁ ତଳକୁ ଓହ୍ଲାଇଲୁ । ତଳକୁ ଓହ୍ଲାଇବା ପାଇଁ ତ ସମୟ ଲାଗିଥାଏ । ଆମକୁ ୮୪ ଜନ୍ମର ସିଡି ଓହ୍ଲାଇବାକୁ ପଡୁଛି । ଉନ୍ନତିର କଳାକୁ ଯିବା ପାଇଁ କୌଣସି ସିଡି ତ ନାହିଁ, ଯଦି ସିଡି ଥାଆନ୍ତା, ତେବେ ଗୋଟିଏ ସେକେଣ୍ଡରେ ଜୀବନମୁକ୍ତି ମିଳୁଛି ବୋଲି କିପରି କୁହାଯାଇ ପାରିବ? କେଉଁଠି ତୁମକୁ ତଳକୁ ଓହ୍ଲାଇବା ପାଇଁ ୨୫୦୦ ବର୍ଷ ଲାଗିଯାଉଛି ଏବଂ କେଉଁଠି ତୁମେ କିଛି ବର୍ଷରେ ହିଁ ଉନ୍ନତିର କଳାରେ ଆସିଯାଉଛ । ତୁମର ହେଉଛି ଯୋଗବଳ । ସେମାନଙ୍କର ହେଉଛି ବାହୁବଳ । ତୁମେ ଦ୍□ାପରରୁ ତଳକୁ ଓହ୍ଲାଉଛ ପୁଣି ବାହୁବଳ ଆରମ୍ଭ ହୋଇଯାଉଛି । ସତ୍ୟଯୁଗରେ କାହାକୁ ମାରିବାର କୌଣସି କଥା ନାହିଁ । କୃଷ୍ଣଙ୍କ ପାଇଁ ଶାସ୍ତ୍ରରେ ଦେଖାଇଛନ୍ତି - ଖୁଆ ଦଣ୍ଡରେ ବାନ୍ଧିଥିଲେ । ଏଭଳି କିଛି ହୋଇ ନ ଥାଏ । ସେଠାରେ ପିଲାମାନେ କେବେ ଚପଳ ବା ଚଗଲା ହୋଇ ନ ଥାନ୍ତି । ସେମାନେ ତ ସର୍ବଗୁଣ ସମ୍ପନ୍ନ, ୧୬ କଳା ସମ୍ପୂର୍ଣ୍ଣ ହୋଇଥାନ୍ତି । କୃଷ୍ଣଙ୍କୁ ସମସ୍ତେ କେତେ ମନେ ପକାଇ ଆସୁଛନ୍ତି । ସର୍ବଦା ଭଲ ଜିନିଷର କଥା ମନେ ପଡିଥାଏ ନା । ଯେପରି ଦୁନିଆରେ ସପ୍ତାଶ୍ଚର୍ଯ୍ୟ ରହିଛି ଯଦି ମନୁଷ୍ୟମାନଙ୍କର ଏହି କଥା ମନେ ପଡେ ତାହେଲେ ସେମାନେ ତାକୁ ଦେଖିବାକୁ ଯାଇଥାନ୍ତି । ଆବୁ ପର୍ବତରେ ସବୁଠାରୁ ଭଲ ଜିନିଷ କ'ଣ ଅଛି, ଯାହାକୁ

ମନୁଷ୍ୟମାନେ ଦେଖିବାକୁ ଆସୁଛନ୍ତି? ଧାର୍ମିକ ଲୋକମାନେ ତ ଏଠାକୁ ମନ୍ଦିର ଦେଖିବାକୁ ଆସୁଛନ୍ତି । ଭକ୍ତିମାର୍ଗରେ ତ ବହୁତ ମନ୍ଦିର ତିଆରି ହୋଇଥାଏ । ସତ୍ୟଯୁଗ ତ୍ରେତାରେ କୌଣସି ମନ୍ଦିର ତିଆରି ହୋଇ ନ ଥାଏ । ସ୍ମାରକୀ ପାଇଁ, ମନ୍ଦିର ସବୁ ପରେ ତିଆରି ହେଉଛି । ସତ୍ୟଯୁଗରେ କୌଣସି ପର୍ବ ପର୍ବାଣୀ ଆଦି ହୁଏ ନାହିଁ । ଦୀପାବଳୀ ମଧ୍ୟ ଏପରି ହୋଇ ନ ଥାଏ । ହଁ, ସିଂହାସନରେ ବସିଥାନ୍ତି, ତେବେ ଏହାର ଅଭିଷେକ ଉତ୍ସବ ପାଳନ କରିଥାନ୍ତି । ସେଠାରେ ତ ସମସ୍ତଙ୍କର ଜ୍ୟୋତି ପ୍ରଜ୍ୱଳିତ ହୋଇ ରହିଥାଏ ।

ତୁମମାନଙ୍କ ପାଖରେ ଗୋଟିଏ ଗୀତ ବି ଅଛି - ନବଯୁଗ ଆସିଲା.... ଏହି କଥା କେବଳ ତୁମେମାନେ ଜାଣିଛ ଯେ ଆମେ ନବଯୁଗ ଅର୍ଥାତ୍ ସତ୍ୟଯୁଗ ପାଇଁ, ଦେବୀ-ଦେବତା ହେବା ପାଇଁ ପୁରୁଷାର୍ଥ କରୁଛୁ । ପାଠ ପଢା ତ ସମ୍ପୂର୍ଣ୍ଣ ଭାବରେ ପଢିବା ଦରକାର । ବଞ୍ଚିଥିବା ପର୍ଯ୍ୟନ୍ତ ଆମକୁ ଏହି ଜ୍ଞାନ ଅମୃତ ପାନ କରିବାକୁ ହେବ । ଏହି ଜ୍ଞାନ ହେଉଛି ସୃଷ୍ଟିର ଆଦି-ମଧ୍ୟ-ଅନ୍ତକୁ ଜାଣିବାର ଜ୍ଞାନ । ଏଠାରେ କୌଣସି ଭାଷା ଆଦି ଶିକ୍ଷା ଦିଆଯାଉ ନାହିଁ । କେବଳ ବାବାଙ୍କୁ ମନେ ପକାଇବାକୁ ହେବ ଏବଂ ସ୍ୱଦର୍ଶନ ଚକ୍ର ଘୂରାଇବାକୁ ହେବ, ଏତିକି । ଏଠାରେ ତୁମେମାନେ ବସିଛ, ତୁମେମାନେ ସ୍ୱଦର୍ଶନ ଚକ୍ରଧାରୀ ଅଟ । ତୁମର ବୁଦ୍ଧିରେ ଅଛି - ଆମର ୮୪ ଜନ୍ମର ଚକ୍ରର ଘୂରିବା ପୂରା ହେଲା । ଏବେ ପୁରୁଣା ଶରୀର ପୁରୁଣା ସମ୍ବନ୍ଧ ଛାଡି ନୂଆ ଶରୀର ନେବାକୁ ହେବ । ବିଷ୍ଣୁପୁରୀର ମାଲିକ ହେବା ପାଇଁ ବାବା ପୁରୁଷାର୍ଥ କରାଉଛନ୍ତି । ଦୁନିଆରେ ଆଉ ସମସ୍ତେ ହେଉଛନ୍ତି ଆସୁରୀ ସମ୍ପ୍ରଦାୟ । ଭଗବାନୁବାଚ - ଏହା ସେହି ଗୀତାର ଯୁଗ ଚାଲିଛି । ଏହା କଳ୍ପ-କଳ୍ପର ସଂଗମଯୁଗ ଅଟେ । ବାବା କହୁଛନ୍ତି - ମୁଁ ଏହି କଳ୍ପର ସଂଗମଯୁଗରେ ଆସୁଛି । ମୁଁ ସେହି ଗୀତାର ଭଗବାନ ଅଟେ । ମୁଁ ଏଠାକୁ ନୂଆ ଦୁନିଆ ସ୍ଥାପନା କରିବାକୁ ଆସୁଛି, ମୁଁ ପୁଣି ଦ୍ୱାପରରେ କିପରି ଆସିବି । ଏହା ଏକ ମସ୍ତବଡ ଭୁଲ୍ । କେଉଁଟି ଛୋଟ ପୁଣି କେଉଁଟି ବଡ ଭୁଲ୍ ହୋଇଥାଏ । କିନ୍ତୁ ଏହା ସବୁଠାରୁ ବଡ ଭୁଲ୍ ଅଟେ । ଶିବ ଭଗବାନ ଯିଏକି ପୁନର୍ଜନ୍ମ ରହିତ ଅଟନ୍ତି, ତାଙ୍କ ବଦଳରେ ୮୪ ଜନ୍ମ ନେଲାବାଲାଙ୍କର ନାମ ଲେଖି ଦେଇଛନ୍ତି । ତୁମେମାନେ ଏବେ ଜାଣୁଛ ଯେ ଶ୍ରୀକୃଷ୍ଣ ତ ଏହିପରି କହିପାରିବେ ନାହିଁ ଯେ ମୋତେ ମନେ ପକାଅ । ସବୁ ଧର୍ମବାଲା କ'ଣ ତାଙ୍କୁ ମାନିବେ । ଶିବ ତ ନିରାକାର ଅଟନ୍ତି । ତୁମେମାନେ ଶିବଶକ୍ତି ସେନା ଅଟ । ତୁମେମାନେ ଶିବବାବାଙ୍କ ସହିତ ଯୋଗ ଲଗାଇ ତାଙ୍କଠାରୁ ଶକ୍ତି ନେଉଛ । ଏଥିରେ ସ୍ତ୍ରୀ-ପୁରୁଷର କୌଣସି କଥା ନାହିଁ । ତୁମେ ଆତ୍ମାମାନେ ସମସ୍ତେ ଭାଇ ଭାଇ ଅଟ । ତାଙ୍କଠାରୁ ଶକ୍ତି ନେଉଛ । ବାବା ହିଁ ସମ୍ପତ୍ତି ଦେବେ ନା । ବାବା ହିଁ ସର୍ବଶକ୍ତିମାନ ଅଟନ୍ତି । ଏହି ଲକ୍ଷ୍ମୀ-ନାରାୟଣଙ୍କୁ ମଧ୍ୟ ସର୍ବଶକ୍ତିମାନ କୁହାଯିବ, କାହିଁକି ନା ଏମାନେ ସାରା ବିଶ୍ୱର ମାଲିକ ଅଟନ୍ତି । ସେମାନେ ଏହି ରାଜ୍ୟ କିପରି ପାଇଲେ? ଏବେ ଭାରତରେ କ'ଣ ସାରା ଦୁନିଆରେ ରାବଣର ରାଜ୍ୟ ଚାଲିଛି । କେହି-କେହି ରାଜା ହୋଇଥାଆନ୍ତି, ଜଣା ପଡେ ଏମାନଙ୍କର ପୂର୍ବଜ ରାଜା ଥିଲେ, ଯେଉଁ ରାଜୁତି ବଂଶାନୁକ୍ରମେ ଚାଲି ଆସିଛି ।ଏହି ଲକ୍ଷ୍ମୀ-ନାରାୟଣଙ୍କର ରାଜତ୍ୱ ସତ୍ୟଯୁଗ ଆଦିରୁ ଚାଲିଆସୁଛି, ତେବେ ନିଶ୍ଚିତ ପୂର୍ବ ଜନ୍ମରେ ଏମାନେ ଏହିଭଳି ପୁରୁଷାର୍ଥ କରିଥିବେ । ଦାନ-ପୁଣ୍ୟ କରିବା ଦ୍ୱାରା ପତିତ ରାଜତ୍ୱ ମିଳିଯାଇଥାଏ । ଏଠାରେ ତ ଏହି ସଂଗମଯୁଗରେ ତୁମେମାନେ ଜ୍ଞାନ ଏବଂ ଯୋଗବଳ ଦ୍ୱାରା ୨୧ ଜନ୍ମ ପାଇଁ ରାଜ୍ୟପ୍ରାପ୍ତ କରୁଛ ।

ତୁମେ ଜାଣିଛ ଯେ ଏହି ପୁରୁଣା ଦୁନିଆ ବିନାଶ ହୋଇଯିବ । ଏହି ଦେହ ମଧ୍ୟ ରହିବ ନାହିଁ, ସେଥିପାଇଁ ନିଜକୁ ଆତ୍ମା ଭାବି ବାବାଙ୍କୁ ମନେ ପକାଇବାକୁ ହେବ । ତେଣୁ ବାବା-ବାବା କହିବା ଶିଖ । ଯେପରି ଛୋଟ ପିଲାମାନଙ୍କୁ ଶିଖାଯାଇଥାଏ, ତେବେ ସିଏ ତ ନିଜର ଲୌକିକ ପିତାଙ୍କୁ ମନେ ପକାଏ । ବର୍ତ୍ତମାନ ଆତ୍ମିକ ପିତା ତୁମମାନଙ୍କୁ କହୁଛନ୍ତି ହେ ସନ୍ତାନମାନେ, ଏହା ନୂଆ କଥା । ବାବା କହୁଛନ୍ତି - ଏବେ ଏହି ଆତ୍ମିକ ପିତାଙ୍କୁ ମନେ ପକାଅ କାହିଁକି ନା ଆମକୁ ଘରକୁ ଯିବାକୁ ହେବ । ଆତ୍ମା ତ ଅବିନାଶୀ, ଶରୀର ବିନାଶୀ ଅଟେ, ତେବେ କିଏ ଶକ୍ତିଶାଳୀ ହେଲା? ଶରୀର ଆତ୍ମାର ଆଧାରରେ ଚାଲିଥାଏ । ଯଦି ଆତ୍ମା ଶରୀର ଛାଡି ଚାଲିଯାଏ, ତେବେ ଶରୀରକୁ ନିଆଁରେ ଜଳାଇବାକୁ ପଡିଥାଏ । ଆତ୍ମା ତ ହେଉଛି ଅବିନାଶୀ । ତାହା ବିନ୍ଦୁ ସ୍ୱରୂପ ଅଟେ । ଏହି ଆତ୍ମାକୁ କେହି ହେଲେ ଜାଣିନାହାଁନ୍ତି । ଯଦିଓ କାହାକୁ ଆତ୍ମାର ସାକ୍ଷାତ୍କାର ହୋଇଥାଏ ହେଲେ କ'ଣ ହେବ! ସେମାନେ ଏହି କଥା ଜାଣିନାହାଁନ୍ତି ଯେ ଆତ୍ମା ଯାହା ବିନ୍ଦୁ ସ୍ୱରୂପ ଅଟେ, ସେଥିରେ ୮୪ ଜନ୍ମର ଅବିନାଶୀ ଅଭିନୟ ଭରି ହୋଇ ରହିଛି । ଏହି କଥା କେବଳ ତୁମମାନଙ୍କ ବୁଦ୍ଧିରେ ରହିଛି । ଏକମାତ୍ର ବାବା ହିଁ ରାଜଯୋଗ ଶିଖାଉଛନ୍ତି । ବାକି ବାରିଷ୍ଟର, ଓକିଲ, ଇଞ୍ଜନିୟର ଆଦି ତ ଚାଲି ଆସୁଛନ୍ତି । ଏଠାରେ ତ ମନୁଷ୍ୟରୁ ଦେବତା ହେବାକୁ ପଡିବ । ଏମାନେ ମଧ୍ୟ ମନୁଷ୍ୟ ଅଟନ୍ତି କିନ୍ତୁ

ଏମାନଙ୍କୁ ଦେବତା କୁହାଯାଉଛି । ଦେବତା ଅର୍ଥାତ୍ ଦୈବୀ ଗୁଣଧାରୀ ମନୁଷ୍ୟ । ତୁମମାନଙ୍କୁ ପୁରୁଷାର୍ଥ କରି ଏହିଭଳି ଦୈବୀଗୁଣଧାରୀ ହେବାକୁ ପଡିବ । ଏହା ହିଁ ହେଉଛି ତୁମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ତୁମ୍ଭେମାନେ ଜାଣିଛ ଯେ ଏହି ଦେବତାମାନଙ୍କଠାରେ କେଉଁ ଗୁଣ ରହିଛି! ତେବେ ଏହିଭଳି ଆମକୁ ହେବାକୁ ପଡିବ । ତାଙ୍କ ସାଥୀରେ ପ୍ରଜା ମଧ୍ୟ ରହିବେ ନା । ପ୍ରଜା ତ ଅନେକ ହେବେ । ବାକି ରାଜା-ରାଣୀ ହେବା ପାଇଁ ପରିଶ୍ରମ କରିବାକୁ ପଡିଥାଏ । ଯେଉଁମାନେ ବହୁତ ପରିଶ୍ରମ କରିବେ, ସେମାନେ ରାଜା-ରାଣୀ ହେବେ । ଯେଉଁମାନେ ଅନେକଙ୍କୁ ଜ୍ଞାନ ଦାନ କରୁଥିବେ, ସେମାନେ ପ୍ରତ୍ୟେକ ନିଜର ଅନ୍ତରକୁ ବୁଝିପାରୁଥିବେ । ଆତ୍ମା କହୁଛି - ମୁଁ ଅବିନାଶୀ ବାବାଙ୍କର ହିଁ ହୋଇଯିବି । ତାଙ୍କ ଉପରେ ସମର୍ପଣ ହୋଇଯିବି, ସ୍□ାହା ହୋଇଯିବି । ଯାହା କିଛି ମୋ ପାଖରେ ଅଛି ସବୁ କିଛି ସମର୍ପଣ କରିଦେବି । ସମସ୍ତେ ଈଶ୍□ରଙ୍କୁ ତ ଦେଇଥାନ୍ତି ନା । ଆପଣ ଆସିଲେ ଆମେ ସମର୍ପିତ ହୋଇଯିବୁ । ଏହା ବଦଳରେ ଆପଣଙ୍କଠାରୁ ନୂଆ ତନ-ମନ-ଧନ ନେବୁ । ନୂଆ ମନ କିପରି ନେବୁ? ଆତ୍ମାକୁ ହିଁ ନୂଆ ଅର୍ଥାତ୍ ପବିତ୍ର କରାଇବୁ । ପୁଣି ଶରୀର ମଧ୍ୟ ନୂଆ ନେବୁ । ରାଜଧାନୀ ମଧ୍ୟ ନେବୁ । ବର୍ତ୍ତମାନ ତୁମେମାନେ ଏ ସବୁ କିଛି ନେଉଛ ନା । ଆତ୍ମା କହୁଛି ହେ ବାବା ମୁଁ ଏହି ଶରୀର ସହିତ ଆପଣଙ୍କର ଅଟେ । ବାବା ମୁଁ ଆପଣଙ୍କର ଶରଣ ନେଉଛି । ସମସ୍ତେ ଏହି ରାବଣ ରାଜ୍ୟରେ ବହୁତ ଦୁଃଖୀ ହୋଇଯାଇଛନ୍ତି, ସେଥିପାଇଁ ଡାକୁଛନ୍ତି ବାବା ଏବେ ଏଥିରୁ ମୁକ୍ତ କରି ନିଜର ରାଜଧାନୀକୁ ନେଇଚାଲ । ଶିବବାବା ତ ମିଳିଗଲେ ବାକି ଆଉ କ'ଣ ଦରକାର! ତୁମେ ଜାଣିଛ ଯେ ଶିବବାବାଙ୍କର ଶ୍ରୀମତ ଦ୍□ାରା ସ୍□ର୍ଗ ସ୍ଥାପନା ହେଉଛି । ଆସୁରୀ ରାବଣର ମତ ଦ୍□ାରା ଏହି ଦୁନିଆ ନର୍କ ହୋଇଯାଉଛି । ଏବେ ପୁନର୍ବାର ଶ୍ରୀମତ ଆଧାରରେ ସ୍□ର୍ଗ ହେବ । ନିଶ୍ଚିତ ଯେଉଁମାନେ କଳ୍ପ ପୂର୍ବରୁ ଏଠାକୁ ଆସିଥିଲେ, ସେହିମାନେ ହିଁ ଆସିବେ । ଶ୍ରୀମତ ଆଧାରରେ ଶ୍ରେଷ୍ଠ ହେବେ । ରାବଣର ମତରେ ଚାଲିବା ଦ୍□ାରା ଅଧୋଗତି ହେଉଛି । ଏବେ ତୁମମାନଙ୍କର ଉନ୍ନତିର କଳା, ଅନ୍ୟ ସମସ୍ତଙ୍କର ଅବନତିର କଳା ହେଉଛି । ଏଠାରେ କେତେ ଭିନ୍ନ ଭିନ୍ନ ଧର୍ମ ରହିଛି । ସତ୍ୟଯୁଗରେ କେବଳ ଦେବୀ-ଦେବତା ଧର୍ମ ଥିଲା । ଏବେ ତାହା ପ୍ରାୟ ଲୋପ ହୋଇଗଲାଣି । (ବରଗଛର ଉଦାହରଣ) ।

ତୁମେ ଜାଣିଛ ଯେ ଦେବୀ-ଦେବତା ଧର୍ମର ସ୍ମୃତି ଚିହ୍ନମାନ ତ ରହିଛି । ବାସ୍ତବରେ ଏଠାରେ ଦେବୀ-ଦେବତା ମାନଙ୍କର ରାଜ୍ୟ ଥିଲା । ଏହା ୫ ହଜାର ବର୍ଷର କଥା । ତୁମେ ପ୍ରମାଣ କରି କହୁଛ ଯେ ଏହା ୫ ହଜାର ବର୍ଷର ଚକ୍ର । ଏଥିରେ ୪ ଯୁଗ ରହିଛି । ପ୍ରତ୍ୟେକ ଯୁଗର ଆୟୁଷ ୧୨୫୦ ବର୍ଷ ଅଟେ । ସେମାନେ ତ ଲକ୍ଷ ଲକ୍ଷ ବର୍ଷ ଲେଖି ଦେଇଛନ୍ତି । ଏଥିରେ ବହୁତ ତଫାତ୍ ଥିବା କାରଣରୁ କାହାରି ବୁଦ୍ଧିରେ ପଶୁନାହିଁ । ଭାବୁଛନ୍ତି ଯେପରି ଅନ୍ୟ ସବୁ ସଂସ୍ଥାମାନ ରହିଛି ସେହିପରି ଏହା ମଧ୍ୟ ବି.କେ. ମାନଙ୍କର ସଂସ୍ଥା ଅଟେ । ଏମାନେ ଗୀତାକୁ ଶାସ୍ତ୍ର ରୂପେ ରଖିଛନ୍ତି । ଗୀତା ତ କୃଷ୍ଣ ଭଗବାନ ଶୁଣାଇଥିଲେ । ଏହି ଦାଦା ତ ହୀରା ବ୍ୟବସାୟୀ ଏଠାରେ ବସିଛନ୍ତି, ତେବେ ମନୁଷ୍ୟମାନେ ଦ୍□ନ୍ଦ୍□ରେ ପଡିବେ ନା । ବାବା କହୁଛନ୍ତି - ମୁଁ ଯିଏ, ଯେପରି ଅଟେ, ଏ ପର୍ୟ୍ୟନ୍ତ କେହି ମୋତେ ଜାଣିନାହାଁନ୍ତି । ଅନ୍ତିମ ସମୟରେ ତୁମେମାନେ ସମ୍ପୂର୍ଣ୍ଣ ରୂପେ ଜାଣିପାରିବ । ବର୍ତ୍ତମାନ ପର୍ୟ୍ୟନ୍ତ କ୍ରମାନୁସାରେ ଜାଣିଛ, ସେଥିପାଇଁ ତ ଶ୍ରୀମତ ଅନୁସାରେ ଚାଲିବା ବହୁତ କଷ୍ଟ ବୋଲି ଭାବୁଛ । ଅନନ୍ୟ ପିଲାମାନେ ମଧ୍ୟ ଶ୍ରୀମତ ଅନୁସାରେ ଚାଲୁନାହାଁନ୍ତି । ରାବଣ ସେମାନଙ୍କୁ ଚାଲିବାକୁ ଦେଉନାହିଁ । ନିଜ ମତରେ ଚାଲୁଛନ୍ତି । ଅଳ୍ପ କେତେ ଜଣ ସନ୍ତାନ ଅଛନ୍ତି ଯେଉଁମାନେ ସମ୍ପୂର୍ଣ୍ଣ ରୂପେ ଶ୍ରୀମତ ଅନୁସାରେ ଚାଲୁଛନ୍ତି । ଆଗକୁ ଗଲେ ସମ୍ପୂର୍ଣ୍ଣ ରୂପେ ଜାଣିଯିବେ ଏବଂ ଶ୍ରୀମତରେ ଚାଲିବେ । ମୁଁ ଯିଏ, ଯେପରି ଅଟେ, ସେମାନେ ଆଗକୁ ଗଲେ ବୁଝିପାରିବେ । ଏବେ କିଛି କିଛି ବୁଝୁଛନ୍ତି । ଯେବେ ସମ୍ପୂର୍ଣ୍ଣ ରୂପେ ବୁଝିଯିବେ ତେବେ ଆଉ କ'ଣ ଆବଶ୍ୟକ! ନିଜର ଗୃହସ୍ଥରେ ହିଁ ରହିବାକୁ ହେବ କିନ୍ତୁ ମାୟା ରୂପୀ ଶତ୍ରୁ ଏପରି ଅଟେ ଯିଏକି ଶ୍ରୀମତରେ ଚାଲିବାରେ ବାଧା ଦେଉଛି । କହୁଛନ୍ତି ବାବା ମାୟାର ତୋଫାନ ବହୁତ ଆସୁଛି । ମାୟା ଆପଣଙ୍କ ସ୍ମୃତି ଭୁଲାଇ ଦେଉଛି । ତୁମେ ତୀବ୍ର ପୁରୁଷାର୍ଥ କର ତେବେ ଶେଷରେ ମାୟା ବି ଥକିଯିବ । ଅଷ୍ଟରତ୍ନର ମାଳା ମଧ୍ୟ ରହିଛି । ମୁଖ୍ୟ ରୂପେ ୮ ରତ୍ନ ଅଛନ୍ତି । ୮ ଜଣ ତ ହେଉଛନ୍ତି - ଯୋଡି । ନବମ ରତ୍ନ ଶିବବାବାଙ୍କୁ ମଝିରେ ରଖୁଛନ୍ତି । ଏହାକୁ କେହି ଲାଲ, କେହି ପୁଣି ଧଳା ରଙ୍ଗର ତିଆରି କରିଥାନ୍ତି । ତେବେ ଶିବବାବା ତ ବିନ୍ଦୁ ଅଟନ୍ତି । ବିନ୍ଦୁ ଲାଲ ହୋଇ ନ ଥାଏ । ବିନ୍ଦୁ ତ ଧଳା ହିଁ ହୋଇଥାଏ । ଏହା ବହୁତ ସୂକ୍ଷ୍ମ । ଏହାକୁ ଦିବ୍ୟ ଦୃଷ୍ଟି ବିନା କେହି ଦେଖିପାରିବେ ନାହିଁ । ଡାକ୍ତରମାନେ କେତେ ଚେଷ୍ଟା କରୁଛନ୍ତି ଦେଖିବା ପାଇଁ । କିନ୍ତୁ ଦେଖିପାରିବେ ନାହିଁ କାରଣ ଏହା ଅବ୍ୟକ୍ତ ଅଟେ ନା, ସେଥିପାଇଁ ପଚରାଯାଉଛି - ତୁମେମାନେ କହୁଛ ଆମେ ଆତ୍ମା ଅଟୁ, ଆଚ୍ଛା, ଆତ୍ମାକୁ କେବେ ଦେଖିଛ? ଯଦି ନିଜକୁ ହିଁ ଦେଖିପାରୁ

ନାହଁ ତେବେ ବାବାଙ୍କୁ କିପରି ଦେଖିପାରିବ । ଆତ୍ମାକୁ ଜାଣିବାକୁ ହୁଏ ଯେ କିପରି ସେଥିରେ ଅଭିନୟ ଭରି ହୋଇ ରହିଛି । ଏହି କଥା ବିଲ୍‌କୁଲ୍ କେହି ଜାଣିନାହାଁନ୍ତି । ସେଥିପାଇଁ ୮୪ ଜନ୍ମ ବଦଳରେ ୮୪ ଲକ୍ଷ ଜନ୍ମ କହିଦେଉଛନ୍ତି । ବାବା ଆସି ପିଲାମାନଙ୍କୁ ସବୁ କଥା ବୁଝାଉଛନ୍ତି । ଆଜିର ଭାରତ କ'ଣ ହୋଇଯାଇଛି, କାଲିର ଭାରତ କ'ଣ ହେବ! ମହାଭାରତ ଲଢେଇ ତ ରହିଛି । ଗୀତାର ଜ୍ଞାନ ମଧ୍ୟ ଦିଆଯାଇଛି, ଏହା ରୁଦ୍ର ଯଜ୍ଞ ମଧ୍ୟ ଅଟେ । ଏବେ ସବୁ ଧର୍ମର ବିନାଶ, ଗୋଟିଏ ଧର୍ମର ସ୍ଥାପନା ହେଉଛି ।

ଏହା ଶିବବାବାଙ୍କର ଭଣ୍ଡାରା ଅର୍ଥାତ୍ ପାକଶାଳା ଅଟେ, ଏହିଠାରୁ ତୁମକୁ ପବିତ୍ର ଭୋଜନ ମିଳୁଛି । ଏଠାରେ ବ୍ରାହ୍ମଣ-ବ୍ରାହ୍ମଣୀମାନେ ହିଁ ଭୋଜନ ପ୍ରସ୍ତୁତ କରୁଛନ୍ତି, ସେଥିପାଇଁ ଏହାର ମହିମା ଅପରମଅପାର ଅଟେ । ଏହା ଦ୍□ାରା ତୁମେମାନେ ପବିତ୍ର ହୋଇ ପବିତ୍ର ଦୁନିଆର ମାଲିକ ହେଉଛ, ସେଥିପାଇଁ ପବିତ୍ର ଭୋଜନ ଖାଇବା ବହୁତ ଭଲ । ତୁମର ସ୍ଥିତି ଯେତେ ଉଚ୍ଚ ହେବ ସେହିପରି ତୁମକୁ ଶୁଦ୍ଧ ଭୋଜନ ମିଳିବ । କେହି ଯୋଗଯୁକ୍ତ ହୋଇ ଭୋଜନ ତିଆରି କଲେ ସେଥିରୁ ବହୁତ ଶକ୍ତି ମିଳିଥାଏ, ଆଗକୁ ଗଲେ ଏହି ଭୋଜନ ତୁମକୁ ମିଳିବ । ସେବାଯୋଗ୍ୟ ସନ୍ତାନମାନେ ଯିଏକି ସେଣ୍ଟରରେ ରହୁଛନ୍ତି, ସେମାନେ ଯଦି ନିଜ ହାତରେ ଭୋଜନ ତିଆରି କରି ଖାଇବେ, ତେବେ ତାଙ୍କୁ ବହୁତ ଶକ୍ତି ମିଳିବ । ଯେପରି ପତିବ୍ରତା ସ୍ତ୍ରୀ ନିଜ ପତି ବ୍ୟତୀତ ଅନ୍ୟ କାହାକୁ ସ୍ମରଣ କରି ନ ଥାଏ, ସେହିପରି ତୁମେମାନେ ମଧ୍ୟ ବାବାଙ୍କ ସ୍ମୃତିରେ ରହି ଭୋଜନ ତିଆର କରି ଖାଅ, ତେବେ ବହୁତ ବଳ ମିଳିବ । ବାବାଙ୍କର ସ୍ମୃତିରେ ରହିବା ଦ୍□ାରା ତୁମେ ବିଶ୍□ର ରାଜତ୍□ ନେଉଛ । ବାବା ପରାମର୍ଶ ତ ଦେଉଛନ୍ତି କିନ୍ତୁ ଏବେ କାହାରି ବୁଦ୍ଧିରେ ଆସୁନାହିଁ । ଆଗକୁ ଗଲେ ହୋଇପାରେ - କହିବେ ଯେ ଆମେ ନିଜ ହାତରେ ଯୋଗଯୁକ୍ତ ହୋଇ ଭୋଜନ ତିଆରି କରୁଛୁ, ତେବେ ସମସ୍ତଙ୍କର କଲ୍ୟାଣ ହୋଇଯିବ ।

ବାବା ପିଲାମାନଙ୍କୁ ଭିନ୍ନ-ଭିନ୍ନ ପ୍ରକାରର ମତ ଦେଉଛନ୍ତି ନା । ଯଦିଓ ତ୍ରିମୂର୍ତ୍ତୀର ଚିତ୍ର ସମ୍ମୁଖରେ ରଖାଯାଇଛି । ତୁମକୁ ଶିବବାବାଙ୍କଠାରୁ ସମ୍ପତ୍ତି ନେବାକୁ ହେବ । କିଛି ନା କିଛି ଯୋଜନା କରୁଥାଅ । ବ୍ରହ୍ମାବାବା ନିଜର ଉଦାହରଣ ଦେଉଛନ୍ତି - ଭକ୍ତିମାର୍ଗରେ ମୁଁ ନାରାୟଣଙ୍କର ଚିତ୍ରକୁ ବହୁତ ଭଲ ପାଉଥିଲି । ତାଙ୍କୁ ମନେ ପକେଇବା ଦ୍□ାରା ଆଖିରେ ଲୁହ ଆସିଯାଉଥିଲା କାହିଁକି ନା ସେହି ସମୟରେ ବୈରାଗ୍ୟ ଥିଲା । ଛୋଟ ବୟସରୁ ତାଙ୍କର ବୈରାଗ୍ୟର ବୃତ୍ତି ଥିଲା । ଏହା ହେଉଛି ପୁଣି ଅବିନାଶୀ କଥା । ତଥାପି କହୁଛନ୍ତି ମନମନାଭବ, ଯୋଗରେ ରହିବା ଦ୍□ାରା ହିଁ ତୁମେମାନେ ତମୋପ୍ରଧାନରୁ ସତ୍ତ୍□ପ୍ରଧାନ ହେବ । କିପରି ବାବାଙ୍କ ସ୍ମୃତିରେ ରହିବ, ସେହି ଚିନ୍ତା ରହିବା ଦରକାର । ଶ୍ରୀମତ ମିଳୁଛି ଯେ, ବାବା କହୁଛନ୍ତି ମୋତେ ମନେ ପକାଅ । ମୁଁ ସୃଷ୍ଟିର ରଚୟିତା ଅଟେ, ତେବେ ତୁମେମାନେ ମଧ୍ୟ ନୂଆ ଦୁନିଆର ମାଲିକ ହେବ ନା । ନଚେତ୍ ଦଣ୍ଡ ବି ପାଇବ ଏବଂ ପଦ ମଧ୍ୟ ଭ୍ରଷ୍ଟ ହୋଇଯିବ । ମରିବା ପୂର୍ବରୁ ପିଲାମାନଙ୍କର ଏହି ଚିନ୍ତା ରହିବା ଉଚିତ୍ ଯେ ଆମେ ସତ୍ତ୍□ପ୍ରଧାନ କିପରି ହେବୁ । ବାବାଙ୍କୁ ତ ନିଶ୍ଚିତ ମନେ ପକାଇବାକୁ ହେବ । ଏହା ହେଉଛି ସବୁଠାରୁ ବଡ ଚିନ୍ତା । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ଯୋଗଯୁକ୍ତ ହୋଇ ନିଜ ହାତରେ ଭୋଜନ ତିଆରି କରି ଖାଇବାକୁ ହେବ । ପବିତ୍ର ଦୁନିଆକୁ ଯିବା ପାଇଁ ପବିତ୍ର ଭୋଜନ ଖାଇବାକୁ ହେବ । ଏହିଥିରେ ହିଁ ଶକ୍ତି ରହିଛି ।

(୨) ନୂଆ ଶରୀର-ମନ-ଧନ ପ୍ରାପ୍ତ କରିବା ପାଇଁ ପୁରୁଣା ସବୁ କିଛି ବାବାଙ୍କ ନିକଟରେ ଅର୍ପଣ କରିଦେବାକୁ ହେବ । ଏହି ଶରୀର ସହିତ ବାବାଙ୍କ ଉପରେ ପୂରା-ପୂରା ସମର୍ପଣ ହେବାକୁ ପଡିବ ।

ବରଦାନ:- ଏକାନ୍ତ ଏବଂ ଅନନ୍ତମୁର୍ଖତାର ଅଭ୍ୟାସ ଦ୍□ାରା ନିଜକୁ ଅନୁଭବ ଗୁଡିକରେ ସମ୍ପନ୍ନ କରୁଥିବା ମାସ୍ଟାଜିତ୍ ଭବ ।

ନଲେଜଫୁଲ ଅର୍ଥାତ୍ ଜ୍ଞାନବାନ ହେବା ସହିତ ପା□ାରଫୁଲ ଅର୍ଥାତ୍ ଅନୁଭବୀ ମୂରତ ହେବା ପାଇଁ ଏକାନ୍ତବାସୀ ଏବଂ ଅନ୍ତର୍ମୁଖୀ ହୁଅ । ସ୍ଥିତି ଟଳମଳ ହେବାର କାରଣ ହେଲା ଅନୁଭବର କମୀ ସେଥିପାଇଁ କେବଳ ବୁଝିବାବାଲା, ବୁଝାଇବାବାଲା ବା ମନନ-ଚିନ୍ତନ କରିବାବାଲା ହୁଅ ନାହିଁ, ବରଂ ଏକାନ୍ତବାସୀ ହୋଇ ଜ୍ଞାନର ସବୁ ପଏଣ୍ଟର ଅନୁଭବୀ ହୁଅ, ଯାହାଦ୍□ାରା କୌଣସି ବି ପ୍ରକାରର ଧୋକାରୁ, ଦୁଃଖ ବା ଦ୍□ନ୍ଦ୍□ରୁ ରକ୍ଷା ପାଇଯିବ । ମୁଁ କାହାର ସନ୍ତାନ ଏବଂ ମୋତେ କ'ଣ ପ୍ରାପ୍ତି ହେଉଛି - ଏହି ପ୍ରଥମ ପାଠର ଅନୁଭବ କରିନେଲେ ସହଜରେ ମାସ୍ଟାଜିତ୍ ହୋଇଯିବ ।

ସ୍ଲୋଗାନ:- ଦାସ୍ଟିତ୍□ ସମ୍ଭାଳୁଥିଲେ ମଧ୍ୟ ଡବଲ ଲାଇଟ୍ ସ୍ଥିତିରେ ରହୁଥିବା ଆତ୍ମାମାନେ ହିଁ ବାବାଙ୍କର ନିକଟତମ ରତ୍ନ ଅଟନ୍ତି ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଇଶାରା:- ପରୋପକାରର ଭାବନାରେ ସମ୍ପନ୍ନ ହୋଇ ଅପକାରୀର ମଧ୍ୟ ଉପକାର କର ।

ନିଜର ତିନୋଟି ସ୍□ରୂପକୁ ସର୍ବଦା ସ୍ମୃତିରେ ରଖ, ଗୋଟିଏ ହେଲା ମୁଁ ଉପକାରୀ ଅଟେ, ଦ୍□ିତୀୟରେ ନିରହଂକାରୀ ଅଟେ, ତୃତୀୟରେ ଅଧିକାରୀ ଅଟେ । ଯିଏ ଯେତେ ବି ଅପକାରୀ ହୋଇଥାଉ କିନ୍ତୁ ତୁମର ଦୃଷ୍ଟି ଏବଂ ମନୋବୃତ୍ତି ଉପକାରୀ ହେଉ, ପୁଣି ଯେତିକି ଅଧିକାରୀ ସେତିକି ନିରଂହକାରୀ ମଧ୍ୟ ହେଉ । ଯେତେବେଳେ ମନର ବୃତ୍ତିରେ ମଧ୍ୟ ମୁଁ ପଣିଆର ତ୍ୟାଗ ହୋଇଥିବ, ସ୍ମୃତିରେ ସର୍ବଦା ବାବା ଏବଂ ଦାଦା ରହିଥିବେ ଏବଂ ମୁଖରେ ମଧ୍ୟ ଏହି ବାଣୀ ରହିଥିବ, ସେତେବେଳେ ଯାଇ ବିଶ୍□ପତି ହୋଇ ବିଶ୍□ର ସେବା କରିପାରିବ ।